# ପ୍ରେସ ଇସ୍ତହାର

## ଓଡିଶା ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା କର କମିଶନରେଟର ଏନଫୋର୍ସମେଣ୍ଟ ସ୍କ୍ବାଡ଼ ଦ୍ୱାରା ୧୩୮ କୋଟି ଟଙ୍କାର ଆନ୍ତଃ ରାଜ୍ୟ ଜିଏସଟି ଠକେଇର ପର୍ଦାଫାଶ, ୪ ଜଣ ଗିରଫ

କଟକ : ତା-୨୫.୧୦.୨୦୧୯ - ଆଜି ରାଜ୍ୟ ସରକାରଙ୍କ ଜିଏସଟି ଏନଫୋର୍ସମେଣ୍ଟ ବିଭାଗ ୪ ଜଣ ବ୍ୟବସାୟୀଙ୍କୁ ଜାଲ ବିଲ ବ୍ୟବହାର କରି ୧୩୮ କୋଟି ଜିଏସଟି ଠକେଇ ଅଭିଯୋଗରେ ଗିରଫ କରିଛନ୍ତି । ଉକ୍ତ ଅସାଧୁ ବ୍ୟବସାୟୀମାନେ ଜାଲ ବିଲ ଜରିଆରେ ୬୦୩ କୋଟି ଟଙ୍କାର ଜିନିଷ କିଣିଥିବା ଏବଂ ୭୪୩ କୋଟି ଟଙ୍କାର ଜିନିଷ ବିକ୍ରି କରିଥିବା ଦର୍ଶାଇ ସରକାରଙ୍କୁ ୧୩୮ କୋଟି ଟଙ୍କାର ଟିକସ ଫାଙ୍କିଛନ୍ତି । ପ୍ରକୃତ ପକ୍ଷେ ସେମାନେ କୌଣସି ଜିନିଷ କିଣା ବିକା କରିନଥିବା ଅନୁସନ୍ଧାନରୁ ଜଣାପଡିଛି ।

ଗିରଫ ହୋଇଥିବା ବ୍ୟବସାୟୀମାନେ ହେଲେ (୧) ଶ୍ରୀ ରାମଚନ୍ଦ୍ର ମଲ୍ଲିକ , ଅଂଶୀଦାର , ବିରଜା ଷ୍ଟିଲ, ଯାଜପୁର (୨) ଶ୍ରୀ ଦୀନଦୟାଲ ଅଗରୱାଲ , ରାଉଲକେଲା - ବିରଜା ଷ୍ଟିଲ , ଯାଜପୁରର ଲିଜ ହୋଲ୍ଡର (୩) ଶ୍ରୀ ଆଦିତ୍ୟ କୁମାର ନାୟକ , ରାଉଲକେଲା , ଅଂଶୀଦାର , ବିରଜା ଷ୍ଟିଲ , ଯାଜପୁର, ନିର୍ଦ୍ଦେଶକ – ଅନନ୍ତଭୁଜ କନ୍ସଟ୍ରକସନ ପ୍ରାଇଭେଟ ଲିମିଟେଡ , ରାଉଲକେଲା , ପ୍ରୋପ୍ରାଇଟର – ଆଖଣ୍ଡଳମଣୀ ଏଣ୍ଟରପ୍ରାଇଜେସ , ରାଉଲକେଲା (୪) ଶ୍ରୀ ଅତୁଲ ବନସଲ , ରାଉଲକେଲା

ଶ୍ରୀ ଅତୁଲ ବନସଲ , ରାଉଲକେଲା , ଏ ସମସ୍ତ ଠକେଇର ମୁଖ୍ୟ ପୁରୋଧା । ସେ କିଛି ଗୃହିଣୀ , ଟ୍ରାକ୍ସି ଚାଳକ , ଦିନ ମଜୁରିଆ , ପାଣି ମିସ୍ତ୍ରୀ , ପାନ ଦୋକାନୀ , ବେକାର ଯୁବକଙ୍କୁ ରୋଜଗାର ଦେବା ଆଳରେ ସେମାନଙ୍କ ଠାରୁ ପ୍ୟାନ କାର୍ଡ଼ , ଆଧାର କାର୍ଡ଼ ଏବଂ ଫୋଟୋ ଆଦି ସଂଗ୍ରହ କରି ସେମାନଙ୍କ ନାମରେ ପ୍ରାୟ ୨୦ ଟି ଜାଲ ବ୍ୟବସାୟ ପ୍ରତିଷ୍ଠାନ ସୃଷ୍ଟି କରି ଜିଏସଟି ପଞ୍ଜୀକରଣ

କରିଥିଲେ । ଉକ୍ତ ବ୍ୟବସାୟ ପ୍ରତିଷ୍ଠାନ ମାଧ୍ୟମରେ କୌଣସି ଜିନିଷ କିଣା ବିକା ନ କରି ଜାଲ ବିଲ ଜରିଆରେ କୋଟି କୋଟି ଟଙ୍କାର ଇନପୁଟ ଟାକ୍ସ କ୍ରେଡିଟ ଓଡିଶା ଓ ବାହାର ରାଜ୍ୟର ବ୍ୟବସାୟୀ ମାନଙ୍କୁ ହସ୍ତାନ୍ତର କରୁଥିଲେ । ଏହା ଦ୍ୱାରା ସରକାରଙ୍କର ବିପୁଳ ରାଜସ୍ୱ କ୍ଷତି ହୋଇଛି । ପ୍ରାଥମିକ ତଦନ୍ତରୁ ଜଣା ପଡିଛି ଯେ ଉକ୍ତ କଳା କାରବାରକୁ ଆଇନ ସମ୍ମତ କରିବା ପାଇଁ ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲି କୋଟି କୋଟି ଟଙ୍କାର ଦେଣ ନେଣ ଦର୍ଶାଯାଇଛି । ଓଡିଶା ରାଜ୍ୟର ଯେଉଁ ବ୍ୟବସାୟୀମାନେ ଏହି ଜାଲ ଇନପୁଟ ଟାକ୍ସ କ୍ରେଡିଟ ବ୍ୟବହାର କରି ଟିକସ ଫାଙ୍କିଛନ୍ତି, ସେମାନଙ୍କ ଠାରୁ ଟିକସ ଫାଙ୍କିର ପରିମାଣ ଏବଂ ସୁଧ ସହ ଜୋରିମାନା ଆଦାୟ କରାଯିବା ଦିଗରେ ବିଭାଗ ତରଫରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ  । ବାହାର ରାଜ୍ୟର ଯେଉଁ ବ୍ୟବସାୟୀମାନେ ଏହି ଜାଲ ଇନପୁଟ ଟାକ୍ସ କ୍ରେଡିଟ ନେଇଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ରାଜ୍ୟର ଜିଏସଟି କମିସନରଙ୍କୁ ଅନୁରୋଧ କରାଯିବ ।  ଏହି ଠକେଇରେ ଅନ୍ୟମାନଙ୍କ ସଂପୃକ୍ତିର ତଦନ୍ତ ଜାରି ରହିଛି ।